بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୭ ଫେବୃଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ଅଦ୍ୱିତୀୟ ଈଶ୍ୱରଙ୍କ ପ୍ରସଙ୍ଗରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ସମସ୍ତ ଅବତାର ଜଗତରେ ଏକେଶ୍ୱରବାଦ ସ୍ଥାପନ କରିବାକୁ ଆସିଥିଲେ ଏବଂ ସେମାନେ ନିଜ ଜାତିକୁ ଏହି ଶିକ୍ଷା ଦେଇଥିଲେ । ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ମଧ୍ୟ ଏହି ବାର୍ତ୍ତା ନେଇ ଆସିଥିଲେ ଓ ତାହାର ସ୍ଥାପନ କରିଥିଲେ । ହୁଜୁର[ସ.ଅ] **ଶିର୍‌କ୍** (ଅନ୍ୟକୁ ଈଶ୍ୱରଙ୍କ ସମତୁଲ୍ୟ) କରିବା ବିରୁଦ୍ଧରେ **ଜିହାଦ୍** (ସଂଗ୍ରାମ) କଲେ । ସେତେବେଳେ ମହାଭାଗ ବିନା କୌଣସି ଦଲିଲ୍‌ରେ ଏହି ଅଭିଯାନ ଚଲାଇ ନଥିଲେ, ବରଂ **ଶିର୍‌କ୍**ର ମନ୍ଦ ଓ କଳୁଷିତ ପ୍ରସଙ୍ଗ (ଲୋକମାନଙ୍କୁ) ବୁଝାଇଲେ ଓ **ଶିର୍‌କ୍** ପ୍ରତି ଘୃଣା ତଥା ବିତୃଷ୍ଣା ଭାବ ଜାତ କରାଇଥିଲେ । ହୁଜୁର[ସ.ଅ]ଙ୍କ ଶିକ୍ଷା ଯଦ୍ଦ୍ୱାରା ମହାଭାଗଙ୍କ ଅନୁଚରଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା, ଏଥି ସକାଶେ ପ୍ରଭାବଶାଳୀ ଥିଲା ଯେ ସ୍ୱୟଂ ହୁଜୁର[ସ.ଅ]ଙ୍କ ଆଚରଣ ଓ ଉଚ୍ଚାରଣ ତାହାର ପ୍ରତ୍ୟକ୍ଷ ସାକ୍ଷୀ ଥିଲା । ହୁଜୁର[ସ.ଅ] ଏଥିପ୍ରତି ଚିନ୍ତିତ ଥିଲେ ଯେ ଯେପରି ଅନ୍ୟ ଧର୍ମାବଲମ୍ବୀମାନେ ନିଜ ଅବତାରମାନଙ୍କ (ସମାଧିକୁ) **ସଜ୍‌ଦା**ର ସ୍ଥାନ କରି ନେଇଛନ୍ତି, ସେପରି ମୁସଲମାନ ସମ୍ପ୍ରଦାୟରେ ଏହି ଭୟଙ୍କର ଓ ଅପବିତ୍ର ପାପ ଜନ୍ମ ଲାଭ କରି ନନେଉ । ପବିତ୍ର କୁରଆନରେ ବାରମ୍ବାର ବିଭିନ୍ନ ଦିଗରୁ ଆମମାନଙ୍କୁ ଏକେଶ୍ୱରବାଦର ଶିକ୍ଷା ଦିଆଯାଇଛି ।

ଯେପରିକି ଅଲ୍ଲାଃତାଲା ସୁରଃ ଅମ୍ବୀୟାରେ କହିଛନ୍ତି; **ୱମା ଅର୍‌ସଲ୍‌ନା ମିନ୍ କବ୍‌ଲିକା ମିର୍ ରସୁଲିନ୍ ଇଲ୍ଲା ନୁହୀ ଇଲୈହି ଇନ୍ନହୁ ଲାଇଲାହା ଇଲ୍ଲା ଅନା ଫା'ବୁଦୁନ୍** ଅର୍ଥାତ୍ ଆମ୍ଭେ ତୁମ୍ଭ ପୂର୍ବରୁ କୌଣସି ଅବତାର ପ୍ରେରଣ କରି ନାହୁଁ । କିନ୍ତୁ ଆମ୍ଭେ ତାଙ୍କ ନିକଟକୁ **ୱହି** କରିଥିଲୁ ଯେ ନିଶ୍ଚିତ ରୂପେ ଆମ୍ଭ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ସୁତରାଂ ଆମ୍ଭର ହିଁ ଉପାସନା କର । ପବିତ୍ର କୁରଆନର ଶେଷ ଭାଗରେ ଈଶ୍ୱର ନିଜ ଏକତ୍ୱର ଘୋଷଣା ଏପରି କହିଛନ୍ତି; **କୁଲ୍ ହୁୱଲ୍ଲାହୁ ଅହଦ୍ ଅଲ୍ଲାହୁସ୍ ସମଦ୍ । ଲମ୍ ୟଲିଦ୍ ୱଲମ୍ ୟୁଲଦ୍ ୱଲମ୍ ୟକୁଲ୍ ଲହୁ କୁଫୁଁୱନ୍ ଅହଦ୍** ଅର୍ଥାତ୍ ତୁମ୍ଭେ କହିଦିଅ ଯେ ସେ ହିଁ ଅଲ୍ଲାଃ ଯେ କି ଏକ ଓ ଅଦ୍ୱିତୀୟ । ତାଙ୍କୁ କିଛି ହେଲେ ଲୋଡ଼ା ନାହିଁ, ସେ କାହାକୁ ପ୍ରସବ କରି ନାହାନ୍ତି ଓ ନା ତାଙ୍କୁ ପ୍ରସବ କରାଯାଇଛି । ତାଙ୍କର କେବେ କେହି କଦାପି ସମତୁଲ୍ୟ ହୋଇ ନାହିଁ । ଅଲ୍ଲାଃତାଲା ଏହି ସ୍ଥଳେ ପ୍ରତ୍ୟେକ ପ୍ରକାରର **ଶିର୍‌କ୍**ର ରଦ୍ଦ କରି ଦେଇଛନ୍ତି । ହଜରତ ମୁହମ୍ମଦ[ସ.ଅ]ଙ୍କ ସ୍ୱଭାବ ଏପରି ପବିତ୍ର ଥିଲା ଯେ ମହାଭାଗଙ୍କ ଶିରାପ୍ରଶିରାରେ ଏକେଶ୍ୱରବାଦ ପାଇଁ ପ୍ରେମାନୁରାଗ ଭରି ରହିଥିଲା ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ମୁହମ୍ମଦ[ସ.ଅ]ଙ୍କ ଜୀବନୀର କିଛି ଘଟଣାବଳୀ ଉପସ୍ଥାପନ କରୁଅଛି । ହଜରତ ଉମ୍ମେ ଐମନ୍ ବର୍ଣ୍ଣନା କରନ୍ତି; **ବୱାନା** ନାମୀ ଏକ ପ୍ରତିମା (ମକ୍କାରେ) ଥିଲା, ଯାହାର କୁରୈଶ ଅତି ଭକ୍ତି ଓ ଆଦର ସମ୍ମାନ କରୁଥିଲେ । ସଭିଏଁ ତାହା ନିକଟରେ ରୁଣ୍ଡ ହେଉଥିଲେ ଓ ଅବୁ ତାଲିବ୍ ମଧ୍ୟ ନିଜ ଜାତିର ଲୋକମାନଙ୍କ ସହିତ ସେଠାକୁ ଯାଉଥିଲେ । ଆଉ ହୁଜୁର[ସ.ଅ]ଙ୍କୁ ବି ନିଜ ସାଥିରେ ଘେନି ନେବାକୁ ଚାହୁଁଥିଲେ, କିନ୍ତୁ ମହାଭାଗ ଯିବାକୁ ମନା କରି ଦେଉଥିଲେ । ଏକଦା ନିଜ ଫୁଫି (ପିଉସୀ)ମାନଙ୍କର ବାରମ୍ବାର ବାଧ୍ୟ କରିବାରୁ

ମହାଭାଗ ସେଠାକୁ ଚାଲିଗଲେ, କିନ୍ତୁ ସେଠାରୁ ଭୀଷଣ ରୂପେ ଭୟଭୀତ ହୋଇ ଫେରି ଆସିଲେ ଏବଂ କହିଲେ; ମୁଁ ସେଠାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିଲି ଯେ, ଯେମିତି ମୁଁ ସେହି ପ୍ରତିମା ନିକଟକୁ ଯିବା ପାଇଁ ଅଗ୍ରସର ହେଲି ସେତେବେଳେ ଏକ ଧବଳ ବସ୍ତ୍ରଧାରୀ ବ୍ୟକ୍ତି ଚିତ୍କାର କରି (ମୋତେ) କହୁଥିଲେ; ହେ ମୁହମ୍ମଦ ! ପଛେଇ ରୁହ ଓ ସେହି ମୂର୍ତ୍ତିକୁ ସ୍ପର୍ଶ କର ନାହିଁ ।

ନବୀ ରୂପେ ଆବିର୍ଭାବ ହେବା ପୂର୍ବରୁ ହୁଜୁର[ସ.ଅ] ଏକ ଅଲ୍ଲାଃଙ୍କ ଉପାସନା କରିବା ସକାଶେ **ଗାରେ ହିରା** ଚାଲିଯାଉଥିଲେ । ଯାହାକି ମକ୍କା ଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଆଜିକାଲି ତାହାକୁ **ଜବ୍‌ଲେ ନୁର୍** ନାମରେ ଅଭିହିତ କରାଯାଉଛି । ପୁଣ୍ୟଶ୍ଳୋକ ଯେତେବେଳେ ଚାଳିଶ ବର୍ଷର ହେଲେ ସେତେବେଳେ ହଜରତ ଜିବ୍ରାଇଲ୍[ଅ.ସ] ଅବତୀର୍ଣ୍ଣ ହେଲେ ଓ ସର୍ବପ୍ରଥମ **ୱହି** ମହାଭାଗଙ୍କୁ ପ୍ରଦାନ କଲେ । ସେହି ପ୍ରଥମ **ୱହି** ସହିତ ହୁଜୁର[ସ.ଅ] ଲୋକମାନଙ୍କୁ ଏକେଶ୍ୱରବାଦ ଆଡ଼କୁ ଡ଼ାକରା ଦେବା ସହିତ **ଶିର୍‌କ୍** ବିରୁଦ୍ଧରେ ଉପଦେଶ (ପ୍ରବଚନ) ଦେବା ଆରମ୍ଭ କରିଦେଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ସତ୍ୟର ପରିପ୍ରକାଶ ନିମନ୍ତେ ଏକ ମହାନ ସଂସ୍କାରକ ଥିଲେ । ଯିଏକି ହଜି ଯାଇଥିବା ସତ୍ୟତାକୁ ପୁନର୍ବାର ସଂସାରରେ ସ୍ଥାପନ କରିଦେଲେ । ଏହି ଦୁଃସାହାସିକ କାର୍ଯ୍ୟ କରିବାରେ କୌଣସି ନବୀ ଆମ ପ୍ରିୟ ନବୀଙ୍କ ସହିତ ସମକକ୍ଷ ନୁହଁ । ହୁଜୁର[ସ.ଅ] ସକଳ ଜଗତବାସୀଙ୍କୁ ଏକ ଅନ୍ଧକାରରେ ଗ୍ରସିତ ଥିବାର ପାଇଲେ ଓ ସେହି ମହାପ୍ରତାପୀ ନବୀଙ୍କ ଆବିର୍ଭାବ ଦ୍ୱାରା ସେହି ଅନ୍ଧକାର ପ୍ରକାଶରେ ରୂପାନ୍ତରିତ ହୋଇଗଲା । ଯେଉଁ ଜାତିରେ ମହାଭାଗ ଜନ୍ମ ଲାଭ କଲେ, ଯେପର୍ଯ୍ୟନ୍ତ ପୁଣ୍ୟଶ୍ଳୋକ ସେ ସମସ୍ତ ଲୋକମାନଙ୍କ ଅଭ୍ୟନ୍ତରରୁ **ଶିର୍‌କ୍** ରୂପକ ଅଙ୍ଗବସ୍ତ୍ର ଓହ୍ଲାଇ ଏକେଶ୍ୱରବାଦର ପବିତ୍ର ଜାମା ପରିଧାନ କରିଦେଲେ ନାହିଁ, ସେପର୍ଯ୍ୟନ୍ତ ମୃତ୍ୟୁବରଣ କରି ନଥିଲେ । କେବଳ ଏତିକି ନୁହେଁ, ବରଂ ସେମାନେ ତ ଆଧ୍ୟାତ୍ମିକତା ଓ ଉତ୍ତମ ଚରିତ୍ରର ଉଚ୍ଚ ସ୍ତରରେ ଅଧିଷ୍ଠିତ ହୋଇଗଲେ । ସେମାନେ ସତ୍ୟ, ବିଶ୍ୱସ୍ତତା ଓ ବିଶ୍ୱାସର ଏପରି ଉଦାହରଣ ପ୍ରଦର୍ଶନ କଲେ, ଯାହାର ଦୃଷ୍ଟାନ୍ତ ବିଶ୍ୱର କୌଣସି କୋଣରେ ଦେଖିବାକୁ ମିଳୁ ନାହିଁ । ଏହି ସଫଳତା ଓ ବିଜୟ ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ]ଙ୍କ ବ୍ୟତୀତ ଅନ୍ୟ କୌଣସି ନବୀଙ୍କୁ ପ୍ରାପ୍ତ ହୋଇ ନାହିଁ । ଏହା ହିଁ ଏକ ବଡ ଦଲିଲ୍ ଯେ ମହାଭାଗଙ୍କ ଅବତାରତ୍ୱ ଏକ ଏପରି ସମୟରେ ହୋଇଥିଲା ଯେତେବେଳେ ସଂସାର ଘନ ଅନ୍ଧକାର ମଧ୍ୟରେ ନିବିଷ୍ଟ ରହିଥିଲା । ଏପରି ଅବସ୍ଥାରେ ପୁଣ୍ୟଶ୍ଳୋକ ଜଗତରେ ଏକ ମହାବିପ୍ଳବ ଓ ନବଜାଗରଣ ଆଣିଦେଲେ ଯେବେକି ଲକ୍ଷାଧିକ ଲୋକ **ଶିର୍‌କ୍** ଓ ଅପବିତ୍ର ମୂର୍ତ୍ତିପୂଜାକୁ ଛାଡ଼ି ଏକେଶ୍ୱରବାଦ ଓ ସତ୍‌ମାର୍ଗକୁ ଆପଣାଇ ନେଲେ । ନିଃସନ୍ଦେହରେ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ଆଧ୍ୟାତ୍ମିକତାକୁ ସ୍ଥାପନ କରିବା ସକାଶେ ଦ୍ୱିତୀୟ ଆଦମ୍ ଥିଲେ, ବରଂ କହିବାକୁ ଗଲେ ତ ଆପଣ ହିଁ ପ୍ରକୃତ ଆଦମ୍ ଥିଲେ । ଯାହାଙ୍କ ମାଧ୍ୟମରେ ଓ ପବିତ୍ର ଅସ୍ତିତ୍ୱ ଦ୍ୱାରା ସକଳ ମାନବୀୟ ଗୁଣାବଳୀ ନିଜ ଚରମ ସ୍ତରରେ ଉପନୀତ ହେଲା ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଦୁଃଖଦ ! ଆଜି ମୁସଲମାନ ସମ୍ପ୍ରଦାୟ ଏକେଶ୍ୱବାଦର ଉତ୍କର୍ଷକୁ ପାସୋରି ଚାଲିଛି, ଯାହାର ଉପଦେଶ ହୁଜୁର[ସ.ଅ]ଙ୍କ ଆମମାନଙ୍କୁ ଦେଇଥିଲେ । ସ୍ୱଚ୍ଛ ଓ ପବିତ୍ର ଏକେଶ୍ୱରବାଦକୁ ପାସୋରିବା ଯୋଗୁଁ ଅଲ୍ଲାଃତାଲାଙ୍କ ବୈଶିଷ୍ଟ୍ୟ ଉପରେ ସେପରି ନିଷ୍ଠାପର ବିଶ୍ୱାସ ନାହିଁ, ଯାହାକି ଜଣେ ମୁସଲମାନର ବିଶେଷତା ହେବା ଉଚିତ୍ । ଏପରି ଅବସ୍ଥାରେ ମହାଭାଗଙ୍କ ସତ୍ୟବାଦୀ ଦାସଙ୍କୁ ସ୍ୱୀକାର କରିଥିବା ଲୋକମାନଙ୍କର କର୍ତ୍ତବ୍ୟ ଯେ ଏକେଶ୍ୱରବାଦକୁ ହୃଦୟଙ୍ଗମ କରି ନିଜ ଅନ୍ତରରେ ବିଶେଷ ପରିବର୍ତ୍ତନ ସୃଷ୍ଟି କରନ୍ତୁ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; **ଏହି ପବିତ୍ର ରମଜାନ ମାସ ହେଉଛି ବିଶେଷ ଉପାସନର ମାସ । ତେଣୁ ଏହି ମାସରେ ବିଶେଷ ଭାବରେ ପ୍ରୟାସ କରିବା ଓ ଏଥିପାଇଁ ଦୁଆ କରିବା ଉଚିତ୍** । ଦେଖ ନବୀଶ୍ରେଷ୍ଠ ନିଜର ସମ୍ପୂର୍ଣ୍ଣ ଜୀବନ କାଳ ଏକେଶ୍ୱରବାଦକୁ ସ୍ଥାପନ କରିବାରେ ବ୍ୟତୀତ କରିଦେଲେ । ତେଣୁ ଯଦି ଆମେ ତାଙ୍କୁ ପ୍ରେମ କରିବାର ଦାବି କରୁଅଛେ, ତେବେ ଆମକୁ ମଧ୍ୟ ସେହି ବିଶେଷ ପ୍ରଚେଷ୍ଟା କରିବାକୁ ହେବ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ପବିତ୍ର କୁରଆନରେ ଅଲ୍ଲାଃତାଲା ହୁଜୁର[ସ.ଅ]ଙ୍କୁ କହିଛନ୍ତି; ହେ ମୁହମ୍ମଦ ! ତୁମେ ବିଶ୍ୱର କୋଣ ଅନୁକୋଣର ଲୋକମାନଙ୍କୁ ଭୟଭୀତ କରାଅ । ଆଉ ନିଜ ପରିବାର ଓ ସମ୍ପର୍କୀୟଙ୍କୁ ମଧ୍ୟ

ଭୟଭୀତ କରାଅ ଏଥିପାଇଁ ଯେ ସେମାନଙ୍କର ତୁମ ଉପରେ ଦୁଇଗୁଣ ଅଧିକାର ରହିଛି । ଅତଃ ଏହି ଐଶୀ ନିର୍ଦ୍ଦେଶ ପାଳନ କରି ମକ୍କାର ପ୍ରଚଳିତ ପ୍ରଥାନୁଯାୟୀ **ସଫା** ନାମକ ପର୍ବତ ଉପରେ ଛିଡ଼ା ହୋଇଗଲେ ଓ ଭିନ୍ନ ଭିନ୍ନ କବିଲାର ନାମ ନେଇ ସେମାନଙ୍କୁ ଡ଼ାକରା ଦେଲେ । ଯେତେବେଳେ ସମସ୍ତେ ଏକତ୍ରୀତ ହୋଇଗଲେ ସେତେବେଳେ ପୁଣ୍ୟଶ୍ଲୋକ କହିଲେ; ଦେଖ ! ଯଦି ମୁଁ ତୁମମାନଙ୍କୁ କୁହେ କି ଏହି ପର୍ବତର ପଶ୍ଚାତ ଭାଗରେ ଏକ ବିଶାଳ ସେନା ବାହିନୀ ରୁଣ୍ଡ ହୋଇଛି, ଯିଏକି ତୁମ ଉପରେ ଆକ୍ରମଣ କରିବାକୁ ଚାହୁଁଛି ତେବେ କ'ଣ ତୁମେ ମୋର ଏହି କଥାକୁ ବିଶ୍ୱାସ କରିନେବ ? ସେମାନେ ଉତ୍ତର ଦେଲେ; **କାହିଁକି ନୁହେଁ, ଆମେ ନିଶ୍ଚିତ ରୂପେ ବିଶ୍ୱାସ କରିନେବୁ କାରଣ ଆମେ ସର୍ବଦା ଆପଣଙ୍କୁ ସତ୍ୟବାଦୀ ଅର୍ଥାତ୍ ସତ କହୁଥିବାର ପାଇଛୁ** । ତହୁଁ ପୁରୁଷତ୍ତୋମ ମୁହମ୍ମଦ[ସ.ଅ] କହିଲେ; ଲୋକମାନେ ଶୁଣ ! ମୁଁ ତୁମକୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଦେଉଅଛି । ମୋତେ ପରାକ୍ରମୀ ଅଲ୍ଲାଃଙ୍କର ବାର୍ତ୍ତାବହ କରି ପ୍ରେରଣ କରାଯାଇଛି । ଯଦି ତୁମେ ଅଲ୍ଲାଃଙ୍କ ଶାସ୍ତିରୁ ସୁରକ୍ଷିତ ରହିବାକୁ ଚାହୁଁଛ, ତେବେ ମୋର ଅନୁସରଣ କର । ମହାଭାଗଙ୍କର ଏତିକି କହିବା ଥିଲା, ଯେ ଅବୁ ଲହବ୍ ଉତ୍ତେଜିତ ହୋଇ କହି ଉଠିଲା **ନଉଜୁବିଲ୍ଲାଃ** ତୁମର ସର୍ବନାଶ ହେଉ । ଏହି କଥା କହିବାକୁ ତୁମେ ଆମକୁ ଏଠାରେ ଏକତ୍ରୀତ କରିଥିଲା । ଏହିପରି ଅନ୍ୟ ଲୋକମାନେ ମଧ୍ୟ ପରିହାସ ଓ ତାଚ୍ଛଲ୍ୟ କରି ସେଠାରୁ ଚାଲିଗଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଜଣେ ନବୀ ଅବା ବାର୍ତ୍ତାବହ କେବଳ ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହୋଇଥା'ନ୍ତି ଏବଂ ତାହାର ଅନୁଗାମୀ ଦଳ ଲୋକମାନଙ୍କୁ ଅତ୍ୟନ୍ତ ସଦାଚାରୀ, ସତ୍ୟବାଦୀ, ସାହାସୀ ଓ ଉନ୍ନତି କରୁଥିବା ଦୃଶ୍ୟମାନ ହୋଇଥାଏ । ତେଣୁ ତାହା ତୁଳନାରେ ସେତେବେଳର ଜାତି ଓ ଗୋଷ୍ଠୀଙ୍କ ହୃଦୟରେ ନିଶ୍ଚିତ ରୂପେ ଏକ ପ୍ରକାରର ଘୃଣା ଓ ବୈରୀ ଭାବ ଉତ୍ପନ୍ନ ହୋଇଥାଏ.. ହଜରତ ମୁହମ୍ମଦ[ସ.ଅ]ଙ୍କ କାଳରେ **ମୁଶରିକ୍** (ଅନେକଶ୍ୱରବାଦୀ), ୟହୁଦୀ ଓ ଖ୍ରୀଷ୍ଟଧର୍ମର ବିଦ୍ୱାନମାନେ ସତ୍ୟକୁ ସ୍ୱୀକାର କରିବାରୁ ବଞ୍ଚିତ ରହିଲେ । ବରଂ ସେମାନେ ତ ଭୀଷଣ ଶତ୍ରୁତା ପ୍ରଦର୍ଶନ କରିଥିଲେ । ସୁତରାଂ ସେମାନେ ଏହି ଚିନ୍ତା ଓ ଷଡଯନ୍ତ୍ର କରିବାରେ ମାତି ଗଲେ ଯେ କିପରି ଇସଲାମକୁ ସଂସାରରୁ ମୂଳୋତ୍ପାଟନ କରିଦେବା । ଅତଏବ ମୁସଲମାନମାନେ ଇସଲାମର ପ୍ରାରମ୍ଭିକ କାଳରେ ଖୁବ୍ ସ୍ୱଳ୍ପ ସଂଖ୍ୟକ ଥିଲେ, ଏଥି ସକାଶେ ସେମାନଙ୍କ ବିରୋଧୀମାନେ ସାହାବାମାନଙ୍କ ସହିତ ପ୍ରଚଣ୍ଡ ଶତ୍ରୁତା ଭିଆଇ ଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଯେତେବେଳେ ବିରୁଦ୍ଧାଚରଣ ତୀବ୍ର ହୋଇଗଲା ଓ ହୁଜୁର[ସ.ଅ] ତଥା ଆପଣଙ୍କ ଅନୁଚରମାନେ ମକ୍କାବାସୀଙ୍କୁ ଈଶ୍ୱରଙ୍କର ଏହି ବାର୍ତ୍ତା ଦେବା ଆରମ୍ଭ କଲେ, ଯେ ଏହି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଏକ ଈଶ୍ୱର ଅଟନ୍ତି । ତାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ବିଗତ ସମସ୍ତ ଅବତାରମାନେ ଏକେଶ୍ୱରବାଦର ପ୍ରଚାର କରିଛନ୍ତି । ଆଉ ନିଜ ଜାତିର ଲୋକମାନଙ୍କୁ ମଧ୍ୟ ଏହି ଶିକ୍ଷା ଦେଉଥିଲେ, ଯେ ତୁମେ ମଧ୍ୟ ଏକ ଅଲ୍ଲାଃଙ୍କୁ ବିଶ୍ୱାସ କର ଓ ଏହି ପାଷାଣ ନିର୍ମିତ ପ୍ରତିମାଗୁଡ଼ିକୁ ଛାଡ଼ିଦିଅ । କାରଣ ଏସବୁ ନିରର୍ଥକ ଓ ଅସାର । କ'ଣ ତୁମେ ଦେଖୁ ନାହଁ ଯେ, ଏକ ଅଲ୍ଲାଃଙ୍କୁ ଛାଡ଼ି ତୁମ ବିଚାର କିପରି ଅପବିତ୍ର ଓ ହୃଦୟ ଅନ୍ଧକାରର ମଳିନତାରେ ଗ୍ରସିତ ରହିଛି । ଆଉ ତୁମେ ବୈଧ ଓ ଅବୈଧ ମଧ୍ୟରେ କୌଣସି ପ୍ରଭେଦ କରୁ ନାହଁ । ନା ଭଲ ଓ ମନ୍ଦ ଭିତରେ ପାର୍ଥକ୍ୟ କରୁଅଛ । ପୁନଶ୍ଚ ନିଜ ମାତାଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଅଛ । ନିଜ କୂଳବଧୁ ଓ କନ୍ୟାମାନଙ୍କ ଉପରେ ଅତ୍ୟାଚାର କରୁଅଛ, ନା ସେମାନଙ୍କ ଅଧିକାର ସେମାନଙ୍କୁ ଦେଉଛ । ତୁମ ପତ୍ନୀମାନଙ୍କ ସହିତ ତୁମର ଆଚରଣ ଠିକ୍ ନାହିଁ, ତୁମେ ଅନାଥ ଶିଶୁମାନଙ୍କର ଅଧିକାର ଆତ୍ମସାତ କରୁଅଛ । ପୁଣି ବିଧବାମାନଙ୍କ ସହିତ ଦୁର୍ବ୍ୟବହାର କରୁଅଛ । ଏଥିରେ ସେମାନେ କହିଲେ; ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା ସକାଶେ ଏହା ଜରୁରୀ ଯେ ପ୍ରତ୍ୟେକ ହକ୍‌ଦାରକୁ ତାହାର ଅଧିକାର ପ୍ରଦାନ କର । ମହିଳାମାନଙ୍କର ସମ୍ମାନ କର ଓ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କର । ଅନାଥମାନଙ୍କୁ ଅଲ୍ଲାଃଙ୍କର ଅମାନତ୍ ଜାଣ ଓ ସେମାନଙ୍କର ଦେଖାଶୁଣା କରିବାକୁ ଉଚ୍ଚ ସ୍ତରର ପୁଣ୍ୟ ଜାଣିନିଅ ଏବଂ ବିଧବାମାନଙ୍କର ସାହା (ଆଶ୍ରା) ହୁଅ । କେବଳ ନ୍ୟାୟ ପ୍ରଦର୍ଶନ କର ନାହିଁ, ବରଂ ଦୟା ଓ ଉପକାର କରିବାକୁ ନିଜର ବୈଶିଷ୍ଟ୍ୟ କରିନିଅ । ଯେତେବେଳେ ମକ୍କାବାସୀଙ୍କ ଧ୍ୟାନ ଇସଲାମ୍ ପ୍ରତି ଢ଼ଳିବାକୁ ଲାଗିଲା ସେତେବେଳେ ମକ୍କାର ସର୍ଦାରମାନେ ଅବୁ ତାଲିବ୍‌ଙ୍କ ନିକଟକୁ ଆସିଲେ ଓ କହିଲେ; ଆପଣ

ଆମର ନେତା ଓ ଆପଣଙ୍କ ସକାଶେ ଆମେ ମୁହମ୍ମଦ[ସ.ଅ]ଙ୍କୁ କିଛି କହୁ ନାହୁଁ । କିନ୍ତୁ ଏବେ ସମୟ ଆସି ଯାଇଛି, ଯେ ଆମେ ଆପଣଙ୍କ ସହିତ ନିର୍ଣ୍ଣାୟକ ନିଷ୍ପତ୍ତି କରିଦେବୁ । ଆପଣ ତାଙ୍କୁ ବୁଝାଶୁଝା କରି ପଚାରନ୍ତୁ ଯେ ସେ ଆମ ଠାରୁ କ'ଣ ଚାହୁଁଛନ୍ତି । ଯଦି ସେ ସମ୍ମାନ ଚାହୁଁଛନ୍ତି ଅବା ଧନଦୌଲତ ଚାହୁଁଛନ୍ତି ତେବେ ଆମେ ତାଙ୍କୁ ସେସବୁ ଯୋଗାଇ ଦେବା ପାଇଁ ପ୍ରସ୍ତୁତ ଅଛୁ । ଆଉ ଯଦି ସେ ବିବାହ କରିବାକୁ ଚାହୁଁଛନ୍ତି ତେବେ ଆମେ ତାଙ୍କୁ ମକ୍କାର ଯେଉଁ ଯୁବତୀକୁ ଚାହିଁବେ ବିବାହ କରିଦେବା ପାଇଁ ମଧ୍ୟ ପ୍ରସ୍ତୁତ ଅଛୁ । ପ୍ରତିବଦଳରେ ଆମେ ତାଙ୍କ ଠାରୁ ଏତିକି ଚାହୁଁଛୁ କି ସେ ଆମ ପ୍ରତିମାଗୁଡ଼ିକର ନିନ୍ଦା କରିବାରୁ ବିରତ ରୁହନ୍ତୁ । ଯଦି ସେ ଆମ ପ୍ରସ୍ତାବ ସ୍ୱୀକାର ନକରନ୍ତି ତେବେ ଦୁଇଟି କଥା ମଧ୍ୟରୁ ଗୋଟିଏ ହେବ ଅର୍ଥାତ୍ ଆପଣ ନିଜ ପୁତୁରାଙ୍କୁ ଛାଡ଼ିଦେବେ ନତୁବା ଆମର ଜାତି ଆପଣଙ୍କୁ ଆଉ ନିଜର ପ୍ରଧାନ (ପ୍ରତିନିଧି) ରୂପେ ଆଦର ସମ୍ମାନ କରିବେ ନାହିଁ ।

ଏକଥା ଶୁଣିବା ପରେ ଅବୁ ତାଲିବ୍ ହୁଜୁର[ସ.ଅ]ଙ୍କୁ ଡ଼ାକି କହିଲେ; ହେ ମୋର ପୁତୁରା ! ମୋ ଜାତି ମୋ ନିକଟକୁ ଏହି ସନ୍ଦେଶ ନେଇ ଆସିଥିଲା । ଏଥିରେ ହୁଜୁର[ସ.ଅ] ତାଙ୍କୁ କହିଲେ; ହେ ମୋର ଚଚା ! ମୁଁ ଏହା କହୁ ନାହିଁ, ଯେ ଆପଣ ନିଜ ଜାତିକୁ ଛାଡ଼ି ଦିଅନ୍ତୁ ଓ ମୋର ସାହାଯ୍ୟ କରନ୍ତୁ । କିନ୍ତୁ ମୁଁ ସେହି ମହା ଶକ୍ତିଶାଳୀ ଈଶ୍ୱରଙ୍କର ଶପଥ କରି କହୁଅଛି, **ଯଦି ସେମାନେ ମୋ ଦକ୍ଷିଣ ହସ୍ତରେ ସୂର୍ଯ୍ୟ ଓ ବାମ ହସ୍ତରେ ଚନ୍ଦ୍ରକୁ ଆଣି ରଖିଦିଅନ୍ତି ତେବେ ବି ମୁଁ ଏକେଶ୍ୱରବାଦର ପ୍ରଚାର କରିବାକୁ ବିରତ ରହିପାରିବି ନାହିଁ** । ମୁଁ ନିଜର ଏହି କର୍ତ୍ତବ୍ୟ କରି ଚାଲିବି ଯେପର୍ଯ୍ୟନ୍ତ କି ପ୍ରଭୁ ମୋତେ ମୃତ୍ୟୁ ଦେଇ ନାହାନ୍ତି । ନିଷ୍ଠାରେ ପରିପୂର୍ଣ୍ଣ ଏହି ଉତ୍ତର ଅବୁ ତାଲିବ୍‌ଙ୍କ ଆଖି ଖୋଲିବା ପାଇଁ ଯଥେଷ୍ଟ ଥିଲା । ସୁତରାଂ ସେ କହିଲେ; ହେ ମୋର ପୁତୁରା ! ତୁମେ ଯାଅ ଓ ନିଜର କର୍ତ୍ତବ୍ୟ ସମ୍ପାଦନ କର । ମୋ ଜାତି ଯଦି ମୋତେ ଛାଡ଼ି ଦେବାକୁ ଚାହୁଁଛି ତେବେ ନିଶ୍ଚିତ ରୂପେ ଛାଡ଼ି ଦେଉ, କିନ୍ତୁ ମୁଁ ତୁମକୁ କଦାପି ଏକାକୀ ଛାଡ଼ିବି ନାହିଁ ।

ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ମହାଭାଗ ଓ ତାଙ୍କର ସାହାବା[ର.ଅ] ଅମାନ୍ୟକାରୀ ମକ୍କାବାସୀଙ୍କ ତରଫରୁ ଘୋର ଅତ୍ୟାଚାର, ଅପନିନ୍ଦା ଓ କିସମ କିସମର ଯାତନା ସହ୍ୟ କରିଥିଲେ । ସେହି ଅମାନ୍ୟକାରୀ ମକ୍କାବାସୀଙ୍କ ପରି ଆଜି ମଧ୍ୟ ଯେଉଁ ଜାତି ଠାରେ ଏହି ଅପକର୍ମ ଦେଖିବାକୁ ମିଳୁଅଛି, ତାହା ଅସଲରେ ଏକେଶ୍ୱରବାଦ ଠାରୁ ଦୂରେଇ ରହିବା ଯୋଗୁଁ ଉତ୍ପନ୍ନ ହୋଇଛି । ଏପରି ସ୍ଥଳେ ଆମର କର୍ତ୍ତବ୍ୟ ଯେ, ଆମେ ଏକେଶ୍ୱରବାଦର ଘୋଷଣା ଅର୍ଥାତ୍ ପ୍ରଚାର କରିଚାଲିବା ଏବଂ ଏଥିସହିତ ନିଜ ମଧ୍ୟରେ ଆଧ୍ୟାତ୍ମିକ ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିବାରେ ଏକ ସ୍ପଷ୍ଟ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରିବା । ଅଲ୍ଲାଃତଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

27th February 2026

*Translated to Odia by :* Moulavi Anwar Ahmad Khan